ନିଜ ପାଇଁ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ସହ ଅନ୍ତରଙ୍ଗ ଆଳାପ

# ମୁରଲୀଧର ପ୍ରଧାନ



(ଶ୍ରୀଯୁକ୍ତ ମୁରଲୀଧର ପ୍ରଧାନ ଜଣେ କୃତବିଦ୍ୟ ସାରସତ୍ୱ ସାଧକ, ଐତିହାସିକ, ଗବେଷଣାଧର୍ମୀ, ସମାଜସେବୀ ଓ ବିଶିଷ୍ଟ ଶିକ୍ଷାବିତ୍। ତାଙ୍କର ଅନେକ ପୁସ୍ତକ ସାହିତ୍ୟ ଓ ଇତିହାସ ଉପରେ ପ୍ରକାଶିତ ହୋଇ ଅଗଣିତ ପାଠକ ପାଠିକାଙ୍କ ଦ୍ୱାରା ପ୍ରଶଂସିତ ହୋଇଅଛି। ତାଙ୍କୁ ସାକ୍ଷାତ୍ କରିଥିଲେ ପ୍ରାଧ୍ୟାପକ ଡଃ ପ୍ରମୋଦ ଚନ୍ଦ୍ର ଦାଶ।)

ପ୍ରଶ୍ନ୧- ଆପଣଙ୍କ ବାଲ୍ୟ ଜୀବନ କିପରି ଥିଲା ?

ବାଲ୍ୟ ଜୀବନ କଥା କଣ କହିବି। ମାତୃ ଗର୍ଭରେ ଥିବା ବେଳେ ପିତାଙ୍କର ବିୟୋଗ ହେଲା। ଜନ୍ମରୁ ପିତୃହୀନ ହୋଇ ମୁଁ ନିଜକୁ ବଡ଼ ଅସହାୟ ମନେକରୁଥିଲି। ଘରର ଆର୍ଥିକ ଅବସ୍ଥା ଥିଲା ଶୋଚନୀୟ। ଏଣୁ ମୋ ପଢ଼ାପ୍ରତି କେହି ଦୃଷ୍ଟି ଦେଉ ନଥିଲେ। ତେବେ ଆମ ଗ୍ରାମ ଗୋବିନ୍ଦପୁର ନିମ୍ନ ପ୍ରାଥମିକ ସ୍କୁଲରେ ମୁଁ ପଢ଼ିଲି। ପୁରୁଷୋତ୍ତମ କର ଥିଲେ ମୋର ଗୁରୁ। ପିଲା ଦିନରୁ ଭଲ ପଢୁଥିଲି। ଏଣୁ ଗୁରୁ କୃପା ଲାଭ ମୋତେ ପ୍ରେରଣା ଓ ଶକ୍ତି ଦେଉଥିଲାଗ୍ରାମ ସ୍କୁଲରୁ ପାଶ୍ କରି ମୁଁ ଗ୍ରାମ ପିଲାଙ୍କ ସହ ଖେଳୀବୁଲି ସମୟ କଟାଉଥିଲି। ଆଉ ଅଧିକ ପଢ଼ିବି ଏ ଇଚ୍ଛାଥିଲେ ମଧ୍ୟ ଆର୍ଥିକ ଦୂରାବସ୍ଥା ଯୋଗୁଁ ଏହା ମୋତେ ଦିବାସ୍ୱପ୍ନ ଭଳି ମନେ ହେଉଥିଲା। ତେବେ ଈଶ୍ୱରଙ୍କର ମୋ ପ୍ରତି ଆଶୀର୍ବାଦ ଥିଲା। ସେ ସମୟରେ ଯାଆଁଳାରେ ଗୋଟିଏ ମାଇନର ସ୍କୁଲ ନୂଆକରି ସ୍ଥାପିତ ହୋଇଥାଏ। ଆମ ଗ୍ରାମର ସ୍ୱର୍ଗତ ଭ୍ରମରବର ସ୍ୱାଇଁ ସେଠାରେ ମୋର ପ ଢ଼ିବାର ସୁବିଧା କରିଦେଲେ। ମୋତେ ଦରମା ଛାଡ଼ ହୋଇଥିଲା। ମାତ୍ର ଗ୍ରାମରୁ ଯିବା ଆସିବାରେ ପ୍ରତିଦିନ ୮କିମି ବାଟ ଚାଲିବାକୁ ପଡୁଥିଲା। ବର୍ଷାଦିନେ ରାସ୍ତା ଅଗମ୍ୟଥିଲା। ତଥାପି ପାଠପଢ଼ାରେ ହେଳା କରିନାହିଁ। ପ୍ରତି ପରୀକ୍ଷାରେ ପ୍ରଥମ ହେଉଥିଲି। ବାର୍ଷିକ ଉତ୍ସବରେ ବହୁ ପୁରସ୍କାର ପାଉଥିଲି। ଥରେ ଡଃ ପରିଜା ମୁଖ୍ୟ ଅତିଥି ହୋଇ ଆସିଥିଲେ। ଏହି ସ୍କୁଲର ଶେଷ ପରୀକ୍ଷାରେ ମୁଁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲି। ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାପାତ୍ରଙ୍କର ମୁଁ ପ୍ରିୟ ଛାତ୍ର ଥିଲି।

ପ୍ରଶ୍ନ ୨:-ଶିକ୍ଷାର୍ଥୀ ଜୀବନର ଅନୁଭୂତି ସମ୍ପର୍କରେ କିଛି କୁହନ୍ତୁ।

ମୁଁ ସପ୍ତମ ଶ୍ରେଣୀ ପାସକରି ଗ୍ରାମରେ ରହିଥାଏ।ଆଉ ଅଧିକ ପଢ଼ିବା ମୋ ଭାଗ୍ୟରେ ନାହିଁ ଏହା ଭାବି ନେଇଥାଏ। କିନ୍ତୁ ଭାଗ୍ୟ ମୋ ପାଇଁ କିଛିଟା ଅନୁକୂଳ ହେଲା। ଭିଙ୍ଗାରପୁରର ଜମିଦାର ସେଠାରେ ଗୋଟିଏ ହାଇସ୍କୁଲ ସ୍ଥାପନ କରିଥାଆନ୍ତି ଏବଂ ଭଲ ଛାତ୍ରମାନଙ୍କୁ ସେଠାରେ ପ ଢ଼ିବା ପାଇଁ ସୁଯୋଗ ଦିଆଯାଉଥାଏ। ମଦନପୁରର କୁଞ୍ଜବିହାରୀ ରଣସିଂହ ସେଠାରେ ମୋର ପ ଢ଼ିବାର ସୁବିଧା କରିଦେଲେ। ଦରମା ଛାଡ଼ ସହ ହଷ୍ଟେଲରେ ଖାଇବା ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ ଏ ସୁବିଧା ସେ ମୋ ପାଇଁ କରାଇଦେଲେ। ସେଠାରେ ମୁଁ ପଢ଼ିଲି। ସକାଳେ ଜଳଖିଆ ଖାଇବା ପାଇଁ ପାଖରେ ପଇସା ନଥାଏ। ଭାରି ଭୋକ କରେ। ଏହି ସମୟରେ ଅଟଳ ବିହାରୀ ବୋଲି ଗୋଟିଏ ସାଙ୍ଗ ମୋ କୋଠରୀରେ ରହିଲେ। ମୁଁ ଭଲ ପଢୁଥିବାରୁ ତାଙ୍କୁ ପଢ଼ାରେ ସାହାଯ୍ୟ କରିଥିଲି ଏବଂ ସେ ଯେଉଁ ଜଳଖିଆ ମଗାଉଥିଲେ ସେଥିରେ ଆମ ଦୁଇଜଣଙ୍କର ଜଳଖିଆ ହୋଇଯାଉଥିଲା। ଏହି ହାଇସ୍କୁଲରେ ପଢ଼ିବା ବେଳେ ଶିକ୍ଷକ ବୈଦନାଥ ମିଶ୍ର ମୋ ନାମ ମୂଳିନାଥରୁ ମୁରଲୀଧର ନାମରେ ନାମିତ ହେଲି। ଏହି ବିଦ୍ୟାଳୟରୁ ମୁଁ କୃତିତ୍ୱର ସହ ମାଟ୍ରିକ ପାଶ୍ କଲି। ପରବର୍ତ୍ତୀ ସମୟରେ ରେଭେନ୍ସାରେ ଆଇ.ଏ ପଢ଼ିବା ପାଇଁ ଯିବା ମୋ ପାଇଁ ଥିଲା ଏକ ଅଗ୍ନି ପରୀକ୍ଷା। ମୁଁ ଥିଲି ସମ୍ପୂର୍ଣ୍ଣ ଭାବରେ ସମ୍ବଳହୀନ। ତଥାପି ମନ ଆଣ୍ଟକରି ଆଗେଇ ଚାଲିଥିଲି। ଖଣ୍ଡାୟତ ମେସ୍‌ରେ ରହି ଓ ଟିଉସନ୍ କରି ମୁଁ ପାଠ ପଢ଼ିଥିଲି। ଅଧ୍ୟକ୍ଷ ଡଃ ପ୍ରାଣକୃଷ୍ଣ ପରିଜା ମୋତେ ବିଶେଷ ସାହାଯ୍ୟ କରିଥିଲେ। ରେଭେନ୍ସାରୁ ମୁଁ ଆଇ.ଏ ପାଶ୍‌କଲି। ପରବର୍ତ୍ତୀ ସମୟରେ ମୁଁ ଘରୋଇ ଭାବରେ ବି.ଏ ଏବଂ ଉଚ୍ଚ ନମ୍ବର ରଖି ଏମ୍.ଏ ପାଶ୍ କରିଥିଲି।


ପ୍ରଶ୍ନ୩: ଆପଣ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ କାହିଁକି ଓହରି ଆସିଲେ ?

ମୁଁ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଲାଠିମାଡ଼ ଖାଇଛି। କିନ୍ତୁ ଏଥିରୁ ଓହରି ଆସିବାର କାରଣ ହେଲା ମୋର ଆର୍ଥିକ ଦୂରବସ୍ଥା। ମୋ ପରିବାର ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିଲେ। ଯାହା କହନ୍ତି । ଅନ୍ନ ଚିନ୍ତା ଚମତ୍କାର। ପରିବାରର ଦାୟିତ୍ୱ ମୁଣ୍ଡାଇବା ମୋ ପାଇଁ ଥିଲା ଏକ ପ୍ରକାର ବାଧ୍ୟବାଧକତା।

ପ୍ରଶ୍ନ୪: ପ୍ରଶାସକ ଭାବରେ ଆପଣ କିପରି ଦାୟିତ୍ୱ ତୁଲାଇ ଥିଲେ ଏବଂ ଏଥିରେ କିଛି କରିଛନ୍ତି କି ?

ମୁଁ ପ୍ରଥମେ ପିଚକୁଳି ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ଥିଲି। ମାତ୍ର କେତେକ ଅସୁବିଧା ଯୋଗୁ ଏଠାରୁ ଇସ୍ତଫା ଦେଇ ଖୋର୍ଦ୍ଧା ବିଜେ.ବି ହାଇସ୍କୁଲରେ ଯୋଗଦେଲି। ସ୍ୱର୍ଗତ ବାଙ୍କନିଧି ପଟ୍ଟନାୟକ ପ୍ରଧାନ ଶିକ୍ଷକ ଥିଲେ। ମୁଁ ଛାତ୍ରାବାସର ତତ୍ତ୍ୱାବଧାରକ ରହି ଛାତ୍ରମାନଙ୍କର ନୈତିକମାନର

ଅଭିବୃଦ୍ଧି ଓ ଶୃଙ୍ଖଳାଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦେଉଥିଲି। ପ୍ରତିଦିନ ସଂଧ୍ୟାବେଳେ ପ୍ରାର୍ଥନା ହେଉଥିଲା। ଅନ୍ତେବାସୀ ଉପସ୍ଥାନ ନିଆଯାଉଥିଲା। ଏବଂ ପିଲାଙ୍କର ସମସ୍ୟା ଉପରେ ଆଲୋଚନା ହେଉଥିଲା। ମୁଁ ପରବର୍ତ୍ତୀ ସମୟରେ ନିରାକରଣ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଅଛି। ବିଦ୍ୟାଳୟର ନୂତନଗୃହ ନିର୍ମାଣ, ବୃକ୍ଷରୋପଣ, ବିଦ୍ୟୁତ୍କରଣ, କୂପଖନନ, ସ୍କୁଲ ଚାରିପଟେ ପାଚେରୀ ନିର୍ମାଣ ପ୍ରଭୃତି ମୋ ସମୟରେ ହୋଇଥିଲା। ମୁଁ ପ୍ରଧାନ ଶିକ୍ଷକ ଥିବାବେଳେ ଶିକ୍ଷକ ମାନଙ୍କର ଅଧ୍ୟାପନା, ସୁଚାରୁରୂପେ ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖୁଥାଏ। ଏଥିପାଇଁ ଅନେକ ଅସୁବିଧାର ମୁଁ ସମ୍ମୁଖୀନ ହୋଇଛି। କେତେକ ମୋତେ ସମାଲୋଚନା ମଧ୍ୟ କରିଛନ୍ତି। ଏପରିକି ମୋର ବଦଳି ପାଇଁ ମସୁଧା ବି ହୋଇଛି। କିନ୍ତୁ ଏ କ୍ଷେତ୍ରରେ ମୁଁ ସବୁବେଳେ ଦୃଢ଼ ରହିଛି।



ପ୍ରଶ୍ନ୫:-ସାରସ୍ୱତ ସାଧନାରେ ଆପଣଙ୍କର କୃତି ଗୁଡ଼ିକ କଣ ?

ମୁଁ ଶିକ୍ଷକ ଜୀବନରେ ଇଂରେଜୀ ବ୍ୟାକରଣ ଓ ସମାଜ ବିଜ୍ଞାନ ଉପରେ ବହି ଲେଖୁଥିଲି। କିନ୍ତୁ ଅବସର ଗ୍ରହଣ କରିବା ପରେ ନିଜକୁ ସାରସ୍ୱତ ସାଧନାରେ ନିୟୋଜିତ କଲି। ମୁଁ ପ୍ରାୟ ୧୪ଟି ମୌଳିକ ଗ୍ରନ୍ଥ ରଚନା କରିଛି ଏବଂ ସେସବୁ ଅଗଣିତ ପାଠକଙ୍କର ଆଦର ଲାଭ କରିଛି। ଖୋର୍ଦ୍ଧା ସାହିତ୍ୟ ସଂସଦର ବହୁବର୍ଷଧରି ସଭାପତି ରହି ବୌଦ୍ଧିକ ବାତାବରଣ ସୃଷ୍ଟି କରିବା ପାଇଁ ମୁଁ ଉଦ୍ୟମ କରିଥିଲି। ମୋର ସାମଗ୍ରିକ କୃତି ପାଇଁ କେଦାରନାଥ ଗବେଷଣାକେନ୍ଦ୍ର ମୋତେ ସମ୍ମାନିତ କରିଛି। ୨୦୧୨ ମସିହାରେ ମୁଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସମ୍ମାନିୟ ମଧ୍ୟ ହୋଇଛି।

ପ୍ରଶ୍ନ୬:-ସମାଜ ସେବାରେ ଆପଣ କିପରି ନିଜକୁ ସାମିଲ କରିଛନ୍ତି ?

ମୁଁ ମୋ ଗ୍ରାମ ଅଞ୍ଚଳରେ ଅନେକ ଉନ୍ନତି ମୂଳକ କାର୍ଯ୍ୟରେ ସହଯୋଗ କରିଛି। ଖୋର୍ଦ୍ଧାର ପ୍ରାୟ ସମସ୍ତ ସାଂସ୍କୃତିକ ତଥା ଧାର୍ମିକ ଅନୁଷ୍ଠାନ ସହିତ ମୁଁ ଜଡ଼ିତ। ଖୋର୍ଦ୍ଧା ଜିଲ୍ଲା ଗଠନ ପାଇଁ ମୁଁ ପ୍ରତିନିଧି ମଣ୍ଡଳସହ ଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କୁ ଦେଖା କରିଥିଲି, ବି.ଜେ.ବି ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ କ୍ଷେତ୍ରରେ ମଧ୍ୟ ମୁଁ ସକ୍ରୀୟ ସହଯୋଗ କରିଥିଲି।ଶ୍ରୀରାମ ନଗରରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟରେ ମୁଁ ବିଶେଷ ଉଦ୍ୟମ କରିଥିଲି।

ପ୍ରଶ୍ନ୭:-ବର୍ତ୍ତମାନ ପରିବାର ଆତ୍ମକୈନ୍ଦ୍ରିକ ହୋଇଯାଉଛି।। ଆପଣ ଏହାକୁ କିପରି ଦେଖୁଛନ୍ତି ?

ଆଗେ ଆମର ଯୌଥ ପରିବାର ଥିଲା। ଏଥିରେ ପରସ୍ପର ମଧ୍ୟରେ ସ୍ନେହ, ମମତା ଭରି ରହିଥିଲା। ଏମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ। କେତେକ କ୍ଷେତ୍ରରେ ଜଣେ ଅନ୍ୟ ଜଣଙ୍କ ପାଇଁ ସ୍ୱାର୍ଥତ୍ୟାଗ କରୁଥିଲେ। ମାତ୍ର ବର୍ତ୍ତମାନ ପରିବାରର ଚିତ୍ର ବଦଳି ଯାଇଛି। ଏହା ଆମକୁ ଅଧିକ ସ୍ୱାର୍ଥପର କରିଦେଇଛି।

ପ୍ରଶ୍ନ୮:-ବର୍ତ୍ତମାନର ଯୁବପିଢ଼ିପାଇଁ ଆପଣଙ୍କର କଅଣ ସନ୍ଦେଶ ରହିଛି ?

ଯୁବପିଢ଼ି ଶୃଙ୍ଖଳିତ ହୁଅନ୍ତୁ। ସତ୍ ମାର୍ଗରେ ଗତିକରନ୍ତୁ।ବଦଭ୍ୟାସରୁ ଦୂରେଇ ରୁହନ୍ତୁ। ପିତାମାତା, ଅଭିଭାବକମାନଙ୍କର ଏ କ୍ଷେତ୍ରରେ ଏକ ଗୁରୁଦାୟିତ୍ୱ ରହିଅଛି।

ପ୍ରଶ୍ନ୯:-୯୫ ବର୍ଷ ବୟସରେ ପଢ଼ିବା ଓ ଲେଖିବା ପାଇଁ ଆପଣ ଆଗ୍ରହ ପ୍ରକାଶ କରୁଛନ୍ତି କି ?

ପଢ଼ିବା ଅଭ୍ୟାସ ମୋର ପିଲାଦିନରୁ ରହିଅଛି। ପଢ଼ିବା ଓ ଲେଖିବା ମୁଁ ଏବେବି ଛାଡ଼ି ପାରୁନି। ଯଦିବା ବିଶେଷ କଷ୍ଟ ହେଉଛି। ଏ ଅଭ୍ୟାସ ମୋତେ ଆଜିଯାଏ ବଞ୍ଚାଇ ରଖିଛି।

ପ୍ରଶ୍ନ୧୦:-ସମାଜରେ ମୂଲ୍ୟବୋଧର ଅବକ୍ଷୟ ଘଟୁଅଛି। ଏହି ପରିପ୍ରେକ୍ଷିରେ ଆପଣ ଭବିଷ୍ୟତକୁ କିଭଳି ଦେଖୁଛନ୍ତି ?

ମୂଲ୍ୟବୋଧର ଅବକ୍ଷୟ ଆମ ପ୍ରାଣରେ ଆଘାତ ସୃଷ୍ଟି କରିଛି। ଏହାକୁ ରୋକିବା ପାଇଁ ଆମର ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀଗଣ ଉଦ୍ୟମ କରିବା ଉଚିତ। ମୋ ମତରେ ଦେଶର ବିଭିନ୍ନ ପ୍ରାନ୍ତରେ ପରାମର୍ଶ ମଣ୍ଡଳୀ ଗଢ଼ାଯାଇ ଯୁବପିଢ଼ିଙ୍କୁ ଯଥାର୍ଥ ଦିଗ୍ ଦର୍ଶନ ଦିଅନ୍ତୁ। ନଚେତ ଭବିଷ୍ୟତ ଆମପାଇଁ ଅନ୍ଧକାରମୟ ହୋଇଯିବ। ବେଳରୁ ସାବଧାନ ରହିବା ଉଚିତ।

## ଶ୍ରୀପ୍ରଧାନଙ୍କର ସାରସ୍ୱତ ସମ୍ଭାର

୧.ଦରିଆପାରିର ଆଠଟି ରତ୍ନ

୨.ମରଦେହେ ଅମର ମଣିଷ

୩.ଲାଲ ମାଟିର ସପ୍ତରଥୀ

୪.ଜତୁଗୃହର ଜରଦ୍‌ଗବ

୫.ନିର୍ବେଦର ଦେବଧ୍ୱନି

୬.ଡୁଣ୍ଡୁଭିର ବିଷଜ୍ୱାଳା

୭.ଲାଲମାଟିର ସୌରଭ

୮.ଇତିହାସର ଝଲକ

୯. କେତେ ବ୍ୟଥା କେତେ ଗାଥା(ଜୀବନୀ)

୧୦.ସୌହାର୍ଦ୍ଦ୍ୟର ସେତୁ

୧୧. କିଶୋର କୌମୁଦୀ

୧୨.ଅନ୍ୱେଷଣ

୧୩. ମାଟ୍ରିକ ଶ୍ରେଣୀପାଇଁ ସମାଜ ଶିକ୍ଷା

୧୪.Book of Simple Translation